ପ୍ରେସ୍ ନୋଟ୍

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ।

ଅନୁଗୋଳ,ତା.୨.୦୮:- ମା କ୍ଷୀର ହିଁ ଶିଶୁପାଇଁ ସର୍ବୋତ୍ତମ ଖାଦ୍ୟ ଯାହା ଶିଶୁର ଆବଶ୍ୟକତାକୁ ସଠିକ୍ ଭାବରେ ପୂରଣ କରେ । ମା କ୍ଷୀରର କୌଣସି ବିକଳ୍ପ ନାହିଁ । ଅଗଷ୍ଟ ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହପାଳନ ହେଉଛି । ଜନ୍ମ ହେଲା ପରେ ମା କ୍ଷୀର ଶିଶୁ ପାଇଁ ସର୍ବୋତ୍ତମ ଉପାଦେୟ ଅଟେ । ମା କ୍ଷୀରର ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଆଜି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଡ. ଦିଲ୍ଲିପ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ସପ୍ତାହ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାଂକୁ ସ୍ତନ୍ୟପାନର ବହୁବିଧ ଉପକାରିତା ସମ୍ପର୍କରେ ଅବଗତ କରାଯିବାର ଲକ୍ଷ୍ୟ ରଖାଯାଇଛି । ସ୍ତନ୍ୟପାନ ସର୍ବଶ୍ରେଷ୍ଠ ସନ୍ତୁଳିତ ଖାଦ୍ୟ ହୋଇଥିବାରୁ ଏହା ଶିଶୁକୁ ବିଭିନ୍ନ ସଂକ୍ରମଣ ଓ ରୋଗ ଠାରୁ ସୁରକ୍ଷା ପ୍ରଦାନ କରିଥାଏ । ଏହାଦ୍ୱାରା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ବୋଲି ଡ. ପଟ୍ଟନାୟକ ପ୍ରକାଶ କରିଥିଲେ । ଶିଶୁ ରୋଗ ବିଶେଷଜ୍ଞ ଡ. ନିରୋଜ ସାହୁ ସଠିକ୍ ସ୍ତନ୍ୟପାନ କରାଇବା ଉପରେ ପରାମର୍ଶ ଦେବା ସହ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ । ଜନ୍ମରୁ ଏକ ଘଣ୍ଟା ମଧ୍ୟରେ ଶିଶୁକୁ ସ୍ତନ୍ୟପାନ କରାଇବା , ଶିଶୁକୁ ୬ ମାସ ପର୍ଯ୍ୟନ୍ତ ମା କ୍ଷୀର ଖାଇବାକୁ ଦେବା , ମାର ପ୍ରଥମ କସ କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଡ.ବିନୋଦ ସାହୁ କୋଭିଡ -୧୯ ରେ ଆକ୍ରାନ୍ତ ମା ମାନେ ସତର୍କତା ମୂଳକ ପଦକ୍ଷେପ ନେଇ ନିଜ ଶିଶୁକୁ ସ୍ତନ୍ୟପାନ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ସ୍ତନ୍ୟପାନ କରାଉଥିବା ମହିଳାମାନେ ଯଥାଶିଘ୍ର କୋଭିଡ ଟୀକା ନେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ,ପାରାମେଡିକାଲ କର୍ମଚାରୀ,ଆଶା ଓ ନର୍ସିଂ ଛାତ୍ରୀମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୪୯ ତା.୦୨.୦୮.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


realme
Shot on realme 9 Pro+
2022.08.02 10:43